৪ ଫେବୃଆରୀ ୨୦୨୨ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

ହଜରତ ମୁହମ୍ମଦ[ସ.ଅ] କହିଲେ; ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) [ର.ଅ]ଙ୍କ ଉଦାହରଣ ମିକାଇଲ୍ ଦେବଦୂତ ଏବଂ ଅବତାରଙ୍କ ମଧ୍ୟରେ ହଜରତ ଇବ୍ରାହିମ୍ [ଅ.ସ]ଙ୍କ ସଦୃଶ ଅଟେ । ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ [ର.ଅ]ଙ୍କ ଉଚ୍ଚତମ ସ୍ତର ଓ ସୁନ୍ଦର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ଆଜି ମଧ୍ୟ ସେହି ପରିପ୍ରେକ୍ଷୀରେ ଅର୍ଥାତ ଆପଣ[ର.ଅ] ଯୋଗ ଦେଇଥିବା ଯୁଦ୍ଧର ଆଲୋଚନା କରିବି । ହଜରତ ଅବଦୁର୍ ରହେମାନ ବିନ୍ ଗନମ୍[ର.ଅ] ବର୍ଣ୍ଣନା କରିଛନ୍ତି । ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ବନୁ କୁରୈୟାଃ ଆଡ଼କୁ ପ୍ରସ୍ଥାନ କଲେ ସେତେବେଳେ ହଜରତ ଅବୁବକର[ର.ଅ] ଓ ହଜରତ ଉମର[ର.ଅ] ଆପଣଙ୍କ ସେବାରେ ଉପସ୍ଥିତ ହୋଇ କହିଲେ; ଯଦି ଲୋକମାନେ ଆପଣଙ୍କୁ ଏହି ସାଂସାରିକ ଐଶର୍ଯ୍ୟ ଓ ଏପରି ଚିତ୍ତାକର୍ଷକ ବସ୍ତ୍ରରେ ଦେଖନ୍ତି ତେବେ ତାଙ୍କ ମନରେ ଇସଲାମ ଧର୍ମ ଗ୍ରହଣ କରିବା ପ୍ରତି ଉତ୍କଣ୍ଠା ବେଶ୍ ବଢ଼ିଯିବ । ଏଥିରେ ହଜୁର[ସ.ଅ] କହିଲେ; ମୋ ପାଳନକର୍ତ୍ତା ମୋ ପାଇଁ ଉମର ବିନ୍ ଖତାବ୍ [ର.ଅ]ଙ୍କ ଉଦାହରଣ ଜିବରିଲ୍ ଦେବଦୂତ ସଦୃଶ ଦର୍ଶାଇଛନ୍ତି । ଅଲ୍ଲାଃତାଲା ପ୍ରତ୍ୟେକ ସମ୍ପ୍ରଦାୟକୁ ଜିବରିଲ୍‌ଙ୍କ ମାଧ୍ୟମରେ ଧ୍ୱଂସ କଲେ । ତାଙ୍କ ଉଦାହରଣ ଅବତାରଙ୍କ ମଧ୍ୟରେ ହଜରତ ନୁହ [ଅ.ସ]ଙ୍କ ସଦୃଶ ଅଟେ । ଯେପରିକି ସେ କହିଛନ୍ତି; ରବ୍‌ବି ଲାତଯର୍ ଅଲଲ୍ ଅର୍‌ଜି ମିନଲ୍ କାଫିରିନା ଦୈୟାରା ଅର୍ଥାତ ହେ ମୋ ପାଳନକର୍ତ୍ତା ! ଅମାନ୍ୟକାରୀଙ୍କ ମଧ୍ୟରୁ କାହାରିକୁ ଏହି ଭୂପୃଷ୍ଠରେ ଜୀବିତ ଛାଡ଼ ନାହିଁ । ହଜରତ ଅବୁବକର୍ [ର.ଅ]ଙ୍କ ଉଦାହରଣ ମିକାଇଲ୍ ଦେବଦୂତଙ୍କ ସଦୃଶ ଅଟେ । ସେ ଭୂପୃଷ୍ଠରେ ବସବାସ କରୁଥିବା ସମସ୍ତ ସୃଷ୍ଟଜ ପାଇଁ କ୍ଷମା ଯାଚନା କରିଥାନ୍ତି ଏବଂ ଅବତାରଙ୍କ ମଧ୍ୟରେ ତାଙ୍କର ଉଦାହରଣ ହଜରତ ଇବ୍ରାହିମ୍ [ଅ.ସ]ଙ୍କ ସଦୃଶ ଅଟେ । ଯେତେବେଳେ ସେ କହିଲେ; ଫମନ୍ ତବିଅନି ଫଇନ୍ନହୁ ମିନ୍ନୀ ଓମନ୍ ଅସାନୀ ଫଇନ୍ନକା ଗଫୁରୁର୍ ରହିମ୍ ସୁତରାଂ ଯେକେହି ମୋର ଅନୁସରଣ କଲା ତେବେ ନିଶ୍ଚିତ ରୂପେ ସେ ମୋ (ନିଜର) ଏବଂ ଯେ ମୋର ଅମାନ୍ୟ କଲା ତେବେ ସୁନିଶ୍ଚିତ ରୂପେ (ହେ ପ୍ରଭୁ) ତୁମେ ହିଁ ଅଶେଷ ଦୟାବାନ ଓ ସଦା କରୁଣାମୟ ।

ହଜୁର[ସ.ଅ] କହିଲେ; ଯଦି ତୁମେ ଦୁଇଜଣ ମୋ ସକାଶେ କୌଣସି ଗୋଟିଏ ପ୍ରସଙ୍ଗରେ ଏକମତ ହୋଇଯାଅ ତେବେ ମୁଁ ତୁମ ପରାମର୍ଶ ବିପରୀତ କାର୍ଯ୍ୟ କରିବି ନାହିଁ । କିନ୍ତୁ ତୁମ ଦୁଇଜଣଙ୍କ ଅବସ୍ଥା କୌଣସି ପ୍ରସଙ୍ଗରେ ଏକମତ ନୁହଁ । ଯେପରି ଜିବରିଲ ଓ ମିକାଇଲ୍ ଏବଂ ନୁହ ଓ ଇବ୍ରାହିମ୍ [ଅ.ସ]ଙ୍କ ମଧ୍ୟରେ ପାର୍ଥକ୍ୟ ରହିଛି ।

ଏକ ବର୍ଣ୍ଣନାନୁଯାୟୀ ବନୁ କୁରୈୟାଃରେ ହଜରତ ସାଦ[ର.ଅ] ଓ ହଜରତ କାବ୍ ବିନ୍ ଉମ୍‌ରୋ ମାଜନି[ର.ଅ] ମଧ୍ୟ ତୀର ଚାଳନାକାରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ, ଶତ୍ରୁ ଉପରେ ଅତ୍ୟଧିକ ମାତ୍ରାରେ ତୀର ନିକ୍ଷେପ କରିଥିଲେ ।

ଯେତେବେଳେ ରାତ୍ରର କିଛି ପ୍ରହର ଅତିବାହିତ ହୋଇଗଲା । ହଜୁରସ.ଅ ନିଜ ସାଥି ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କ ସାଥିରେ ଖଜୁରୀ ସେବନ କରୁଥିଲେ । ଇତି ମଧ୍ୟରେ ହଜୁରସ.ଅ କହିଲେ; ଖଜୁରୀ କିଭିଳି ଉତ୍ତମ (ପୁଷ୍ଟି ଜାତ) ଖାଦ୍ୟ ଅଟେ । ହଜରତ ଆଏଶାର.ଅ ବର୍ଣ୍ଣନା କରନ୍ତି; ଯେତେବେଳେ ହଜରତ ସାଦ ବିନ୍ ମାଜ୍ ର.ଅଙ୍କ ଉପରେ ଚେତାଶୂନ୍ୟ ଅବସ୍ଥା ପ୍ରଭୁତ୍ୱ ବିସ୍ତାର କଲା, ତାଙ୍କୁ ଦେଖିବା ସକାଶେ ହଜୁର ସ.ଅଙ୍କ ସାଥିରେ ହଜରତ ଅବୁବକରର.ଅ ଓ ହଜରତ ଉମରର.ଅ ଚାଲିଗଲେ । ଆପଣ କୁହନ୍ତି; ସେହି ସର୍ବଶକ୍ତିମାନ ଅଲ୍ଲାଃଙ୍କ ରାଣ ଯାହାଙ୍କ ହାତ ମୁଠାରେ ହଜୁର ସ.ଅଙ୍କ ଜୀବନ ନାଟିକା ରହିଛି, ସେଠାରେ ମୁଁ ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କର ରୋଦନ ସ୍ୱର ସ୍ପଷ୍ଟ ଶୁଣି ପାରୁଥିଲି, ଯେତେବେଳେ କି ମୁଁ ନିଜ କୋଠରୀ ଭିତରେ ଥିଲି । ସେହି ସାହାବାମାନେ ଏପରି ହିଁ ଥିଲେ ଯାହାଙ୍କ ପ୍ରସଙ୍ଗରେ ଐଶ୍ୱର୍ଯ୍ୟମୟ ପ୍ରଭୁ କୁହନ୍ତି; ରୁହମାଉ ବୈନହୁମ୍ ଅର୍ଥାତ **ସେମାନେ ପରସ୍ପରଙ୍କୁ ଅତ୍ୟଧିକ ସ୍ନେହ ଆଦର କରନ୍ତି ।**

ସୁଲ୍‌ହା ହୁଦେବିୟା ପ୍ରସଙ୍ଗରେ ଗତ ଖୁତବାରେ ଏହା ଆଲୋଚନା ହୋଇସାରିଛି ଯେ ଏକ ସ୍ୱପ୍ନ ଆଧାରରେ ହଜୁରସ.ଅ ୧୪୦୦ସାହାବାଙ୍କ ସାଥିରେ ଜିଲ୍ କାଆଦାଃ ୬ହିଜ୍‌ରୀରେ ଉମରା କରିବା ଉଦ୍ଦେଶ୍ୟରେ ମଦିନାରୁ ପ୍ରସ୍ଥାନ କଲେ । ମାର୍ଗରେ ଆପଣଙ୍କୁ ସୂଚନା ମିଳିଲା ଯେ ମକ୍କାର ଅମାନ୍ୟକାରୀମାନେ ଆପଣଙ୍କ ରାସ୍ତା ଅବରୋଧ କରି ବସିଛନ୍ତି । ସେମାନେ ଆପଣଙ୍କୁ ମକ୍କାରେ ପ୍ରବେଶ କରିବାକୁ ଦେବେ ନାହିଁ । ବୁଖାରୀର ବର୍ଣ୍ଣନାନୁଯାୟୀ ସେତେବେଳେ ଅମାନ୍ୟକାରୀମାନେ ହଜୁର ସ.ଅଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ସେଠାରେ ସୋହେଲ ବିନ୍ ଉମରୋଙ୍କ ପୁତ୍ର ହଜରତ ଅବୁ ଜନ୍ଦଲ୍ର.ଅ ନିଜ ପରିହିତ ବେଡ଼ିରେ ଟଳମଳ ହୋଇ ଆସିଲେ । ସୋହେଲ ବିନ୍ ଉମ୍‌ରୋ ଯେ ମକ୍କାର ଅମାନ୍ୟକାରୀଙ୍କ ଦୂତ ଥିଲେ, ଅବୁ ଜନ୍ଦଲ୍‌ଙ୍କୁ ଫେରାଇ ଦେବାର ଦାବି କଲେ । ହଜୁରସ.ଅ ତାଙ୍କୁ କୁରୈଶର ଅମାନ୍ୟକାରୀଙ୍କୁ ଫେରାଇ ଦେଲେ । ହଜରତ ଉମରର.ଅ ଆଉ ଧୈର୍ଯ୍ୟ ରକ୍ଷା କରି ନପାରି ହଜୁର ସ.ଅଙ୍କୁ କହିଲେ; କ'ଣ ଆପଣ ପ୍ରଭୁଙ୍କ ପ୍ରେରିତ ଅବତାର ନୁହନ୍ତି ? ହଜୁରସ.ଅ ଉତ୍ତର ଦେଲେ, ହଁ କାହିଁକି ନୁହେଁ । ହଜରତ ଉମରର.ଅ ପୁନଶ୍ଚ ପ୍ରଶ୍ନ କଲେ, କ'ଣ ଆମେ ସତ୍‌ମାର୍ଗରେ ପ୍ରତିଷ୍ଠିତ ନାହୁଁ ? ତେବେ ଆମେ କାହିଁକି ଅପମାନ ସହ୍ୟ କରିବୁ । ହଜୁରସ.ଅ କହିଲେ; ମୁଁ ପ୍ରଭୁଙ୍କ ପ୍ରେରିତ ଦୂତ ଏବଂ ପ୍ରଭୁଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ । ଜାଣିନିଅ ଯେ ମୁଁ ତାଙ୍କ ଇଚ୍ଛା ବିରୁଦ୍ଧୀୟ କୌଣସି କାର୍ଯ୍ୟ କରିବି ନାହିଁ । ସେ ହିଁ ଆମ ସାହଯ୍ୟକାରୀ । ଏଥିରେ ହଜରତ ଉମରର.ଅ କହିଲେ; କ'ଣ ଆପଣସ.ଅ କହି ନଥିଲେ, ଯେ ଆମେ ବୈତୁଲ୍ଲାଃର ପରିକ୍ରମା (ତୱାଫ୍) କରିବା ? ହଜୁରସ.ଅ ଉତ୍ତର ଦେଲେ, କ'ଣ ମୁଁ ଏକଥା କହିଥିଲି, ଯେ ସୁନିଶ୍ଚିତ ରୂପେ ଚଳିତ ବର୍ଷ ହିଁ ତୁମେମାନେ ବୈତୁଲ୍ଲାଃର ତୱାଫ୍ କରିବ । ହଜରତ ଉମରର.ଅ କହିଲେ; ନା । ଅତଏବ ହଜୁରସ.ଅ କହିଲେ; ଅପେକ୍ଷା କର ଇନ୍‌ଶା ଅଲ୍ଲାଃ ତୁମେ ଦିନେ ନିଶ୍ଚିତ ରୂପେ ମକ୍କାରେ ପ୍ରବେଶ କରି ବୈତୁଲ୍ଲାଃର ପରିକ୍ରମା କରିବ । କିନ୍ତୁ ହଜରତ ଉମର ର.ଅଙ୍କୁ ଆଶ୍ୱସ୍ତି ଲାଭ ହେଲା ନାହିଁ । ସେ ହଜରତ ଅବୁବକର ର.ଅଙ୍କ ନିକଟକୁ ଯାଇ ସମାନ ପ୍ରସଙ୍ଗ ଆଲୋଚନା କଲେ । ହଜରତ ଅବୁବକରର.ଅ ମଧ୍ୟ ସମାନ ଉତ୍ତର ଦେଲେ ଏବଂ କହିଲେ; **ଦେଖନ୍ତୁ ଉମର, ହଜୁର ସ.ଅଙ୍କ ସହିତ ତୁମେ ଯେଉଁ ପବିତ୍ର ସମ୍ପର୍କ ସ୍ଥାପନ କରିଛ ତାହାକୁ ଶିଥିଳ ହେବାକୁ ଦିଅ ନାହିଁ । କାରଣ ପ୍ରଭୁଙ୍କ ରାଣ ସେ ସତ୍ୟବାଦୀ ଅଟନ୍ତି ।** ହଜରତ ଉମରର.ଅ କୁହନ୍ତି; ପରବର୍ତ୍ତୀ ସମୟରେ ଏଥିଯୋଗୁଁ ମୁଁ ବହୁତ ଅନୁତପ୍ତ ହେଲି ଏବଂ କ୍ଷମା ଯାଚନା ଆକାରରେ ନିଜର ଏହି ଦୁର୍ବଳତାକୁ ଦୂର କରିବା ସକାଶେ ଅନେକ ଧର୍ମକର୍ମ ସମ୍ପାଦନ କରିଥିଲି ।

ସୁଲ୍‌ହା ହୁଦେବିୟା ପ୍ରସଙ୍ଗରେ ଅଧିକ ବ୍ୟାଖ୍ୟା କରି ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରିଛନ୍ତି;

ଉରୱା ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କୁରୈଶଙ୍କ ପକ୍ଷରେ ଅଧିକରୁ ଅଧିକ ସର୍ତ୍ତ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ କହିଲେ; ହେ ମୁହମ୍ମଦସ.ଅ ! ଯଦି କୁରୈଶ ବିଜୟ ଲାଭ କରିନେଲେ ତେବେ ପ୍ରଭୁଙ୍କ ରାଣ !

ମୁଁ ଆପଣଙ୍କ ଆଖପାଖରେ ଏପରି ଚେହେରା ଦେଖି ପାରୁଛି, ଯେଉଁମାନେ ଆପଣଙ୍କୁ ଛାଡ଼ି ଚାଲିଯିବେ । ହଜରତ ଅବୁବକର[ର.ଅ] ଯେ ସେତେବେଳେ ହଜୁର [ସ.ଅ]ଙ୍କ ନିକଟରେ ବସିଥିଲେ, ଉତ୍ତରରେ ଏହି କଥା ଶୁଣି କ୍ରୋଧିତ ହୋଇ ଉଠିଲେ । ଆପଣ ତାଙ୍କୁ ସମ୍ବୋଧନ କରି କହିଲେ; ଯାଅ ଯାଅ ନିଜ ପ୍ରତିମା ଲାତ'କୁ ଯାଇ ଚୁମ୍ବନ କରୁଥାଅ । କ'ଣ ଆମେ ପରମେଶ୍ୱରଙ୍କ ପ୍ରେରିତ ଦୂତଙ୍କୁ ଛାଡ଼ି ଚାଲିଯାଇ ପାରିବୁ ? ଅର୍ଥାତ କ'ଣ ଏହା ସମ୍ଭବପର ଯେ ତୁମେମାନେ ତ ନିଜ ଇଷ୍ଟ ଦେବତାମାନଙ୍କ ସକାଶେ ଧୈର୍ଯ୍ୟ ଓ ଅବିଚଳତା ପ୍ରଦର୍ଶନ କରିବ ଏବଂ ଆମେ ପରାକ୍ରମୀ ପରମେଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ପରେ ତାଙ୍କ ପ୍ରେରିତ ଦୂତଙ୍କୁ ଛାଡ଼ି ପଳାୟନ କରିଯିବୁ **! ! !**

ସିରତ୍ ଖାତମୁନ୍ ନବୀଇନ୍‌ରେ ବର୍ଣ୍ଣିତ ରହିଛି ସୁଲହା ହୁଦେବିୟାର ସର୍ତ୍ତାବଳୀର ଦୁଇ ଗୋଟି ନକଲ ପ୍ରସ୍ତୁତ କରାଗଲା ଏବଂ ତାହାର ସାକ୍ଷ୍ୟମାନଙ୍କ ମଧ୍ୟରେ ହଜରତ ଅବୁବକର[ର.ଅ] ମଧ୍ୟ ସାମିଲ ଥିଲେ । ହଜରତ ଅବୁବକର[ର.ଅ] କୁହନ୍ତି; ଇସଲାମରେ ସୁଲହା ହୁଦେବିୟା ଠାରୁ ବଡ଼ ବିଜୟ ମୁସଲମାନମାନଙ୍କୁ ଲାଭ ହୋଇ ନାହିଁ ।

ସରିୟା (ଅଭିଯାନ) ବନୁ ଫୁଯାରାଃ ୬ହିଜ୍‌ରୀରେ ହୋଇଥିଲା । ହଜୁର[ସ.ଅ] ଏହି ଅଭିଯାନରେ ହଜରତ ଅବୁବକର [ର.ଅ]ଙ୍କୁ ଅମିର ମୁତୟନ କରି ପ୍ରେରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରିଛନ୍ତି; **ଏହି ଯୁଦ୍ଧରେ ଅମାନ୍ୟକାରୀଙ୍କ ଅନେକ ସୈନିକ ନିହତ ହୋଇଥିଲେ ଏବଂ ବହୁ ସଂଖ୍ୟକ କଏଦ ମଧ୍ୟ ହୋଇଥିଲେ ।**

ନଜଦ୍ ଅଭିମୁଖେ ଯାତ୍ରା । ଏହି ପ୍ରସଙ୍ଗରେ ଲେଖାଅଛି, ଯେ ଏହି ଅଭିଯାନ ଶାବାନ୍ ୭ହିଜ୍‌ରୀରେ ହୋଇଥିଲା । ହଜରତ ସଲମା ବିନ୍ ଅକୁଉ ବର୍ଣ୍ଣନା କରିଛନ୍ତି; ହଜୁର[ସ.ଅ] ଏହି ଅଭିଯାନରେ ହଜରତ ଅବୁବକର [ର.ଅ]ଙ୍କୁ ଅମିର ମୁତୟନ କରି ଆମକୁ ପ୍ରେରଣ କଲେ ।

ଖୈବର୍ ଯୁଦ୍ଧ ପ୍ରସଙ୍ଗରେ ଲେଖାଅଛି ଯେ ହଜୁର[ସ.ଅ] ୭ହିଜ୍‌ରୀର ମୁହରମ୍ ମାସରେ ମୁସଲମାନ ସେନାକୁ ଉକ୍ତ ଅଂଚଳ ଆଡ଼କୁ ପ୍ରେରଣ କଲେ । ଲାହୋରରୁ ପ୍ରକାଶିତ ଏକ ପୁସ୍ତକରେ ରଚନାକାରୀ ସୟଦ୍‌ନା ସିଦ୍ଦିକ୍ ଅକବର୍[ର.ଅ] ଲେଖିଛନ୍ତି, ଗୋଟିଏ ଦୁର୍ଗ ହଜରତ ଅବୁବକର [ର.ଅ]ଙ୍କ ହସ୍ତରେ ଜୟ ହୋଇଥିଲା । ଯେତେବେଳେ କି ଦ୍ୱିତୀୟ ଦୁର୍ଗ ହଜରତ ଉମର [ର.ଅ]ଙ୍କ ହସ୍ତରେ ଏବଂ ତୃତୀୟ ଅର୍ଥାତ କମୁସ'ର ଦୁର୍ଗ ହଜରତ ଅଲୀ[ର.ଅ]ଙ୍କ ହସ୍ତରେ ଜୟଯୁକ୍ତ ହୋଇଥିଲା । ଖୈବର୍ ଯୁଦ୍ଧରେ ବିଜୟ ଲାଭ କରିବା ପରେ ହଜୁର[ସ.ଅ] ନିଜର ଅନ୍ୟ ସମ୍ପର୍କୀୟଙ୍କ ବ୍ୟତୀତ ହଜରତ ଅବୁବକର [ର.ଅ]ଙ୍କୁ ମଧ୍ୟ ୧୦୦ ଓସକ୍ (ମାପକ) ଶସ୍ୟ ଓ ଖଜୁରୀ ପ୍ରଦାନ କରିଥିଲେ ।

କୁରୈଶର ହଲିଫ୍ (ମିତ୍ର) ବନୁ ବକର୍ ସୁଲହା ହୁଦେବିୟା ସର୍ତ୍ତ ଭଙ୍ଗ କରି ମୁସଲମାନମାନଙ୍କ ନିକଟତମ ଗୋଷ୍ଠୀ ବନୁ ଖଯାଆ ଉପରେ ଆକ୍ରମଣ କରିଦେଲେ ଏବଂ ଏଥିରେ କୁରୈଶ ବନୁ ବକର୍‌ଙ୍କୁ ଅସ୍ତ୍ରଶସ୍ତ୍ର ଓ ବାହନ ଯୋଗାଇ ଦେଇଥିଲେ । ସେତେବେଳେ ଅବୁ ସୁଫିୟାନ୍ ମଦିନା ଆସିଲା ଏବଂ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ସୁଲହା ହୁଦେବିୟା ସର୍ତ୍ତକୁ ନୂତନ ରୂପେ ପ୍ରସ୍ତୁତ କରିବାକୁ ନିବେଦନ କଲା । କିନ୍ତୁ ହଜୁର ତାହାର କୌଣସି କଥାର ଉତ୍ତର ଦେଲେ ନାହିଁ । ସେଥିଅନ୍ତେ ସେ ହଜରତ ଅବୁବକର [ର.ଅ]ଙ୍କ ନିକଟକୁ ଓ ହଜରତ ଉମର [ର.ଅ]ଙ୍କ ନିକଟକୁ ମଧ୍ୟ ଯାଇଥିଲା । ସେମାନଙ୍କୁ କହିଲା, ଯେ ଆପଣମାନେ ହଜୁର [ସ.ଅ]ଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ସେ ଦୁହେଁ ତାକୁ ସଫାସଫା ମନା କରିଦେଲେ । ତା'ପରେ ଅବୁ ସୁଫିୟାନ୍ ବିଫଳ ହୋଇ ମଦିନାରୁ ଫେରିଥିଲା ।

ରମଜାନ ମାସ ୮ହିଜ୍‌ରୀରେ ମକ୍କା ବିଜୟ ହୋଇଥିଲା । ଯାହାକୁ ସର୍ବଶ୍ରେଷ୍ଠ ବିଜୟ ମଧ୍ୟ କୁହାଯାଏ । ତବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ହଜୁର[ସ.ଅ] ମୁସଲମାନମାନଙ୍କୁ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହେବାକୁ କହିଲେ, ଆପଣ ନିଜ ସାମଗ୍ରୀ ସଜାଡ଼ିବା ପାଇଁ ନିଜ ପରିବାର ବର୍ଗଙ୍କୁ ନିର୍ଦ୍ଦେଶ ଦେଲେ । ହଜରତ ଅବୁବକର[ର.ଅ] ଯେତେବେଳେ ନିଜ ସୁପୁତ୍ରୀ ହଜରତ ଆଏଶା [ର.ଅ]ଙ୍କ ଘରକୁ ଗଲେ ସେତେବେଳେ ସେ ହଜୁର [ସ.ଅ]ଙ୍କ ପାଇଁ ଯାତ୍ରାର ପ୍ରସ୍ତୁତି

କରୁଥିଲେ । ସିରତ ହଲ୍‌ବିୟାରେ ଉଲ୍ଲେଖ ରହିଛି, ହଜରତ ଅବୁବକର[ର.ଅ] ତାହାର କାରଣ ପଚାରୁ ଥିବା କ୍ଷଣି ହିଁ ହଜୁର [ସ.ଅ]ଙ୍କର ଆଗମନ ହେଲା । ଅତଏବ ହଜରତ ଅବୁବକର[ର.ଅ] ସିଧାସଳଖ ହଜୁର [ସ.ଅ]ଙ୍କୁ ସେହି ପ୍ରଶ୍ନ କଲେ । ଆପଣ[ସ.ଅ] ଉତ୍ତର ଦେଲେ, କୁରୈଶର ମୁକାବିଲା ଉଦ୍ଦେଶ୍ୟରେ ଆମେ ବାହାରିଛୁ । ହଜରତ ଅବୁବକର[ର.ଅ] ପୁନଶ୍ଚ ପ୍ରଶ୍ନ କଲେ କ'ଣ କୁରୈଶ ଓ ଆମ ମଧ୍ୟରେ ହୋଇଥିବା ସନ୍ଧିର ଅବଧି ବାକି ନାହିଁ ? ହଜୁର[ସ.ଅ] ଉତ୍ତର ଦେଲେ, ହଁ ବାକି ଅଛି । କିନ୍ତୁ ସେମାନେ ଆମ ସହିତ ବିଶ୍ୱାସଘତକତା କରିଛନ୍ତି ଏବଂ ସର୍ତ୍ତ ଭଙ୍ଗ କରିଛନ୍ତି । କିନ୍ତୁ ଏହି କଥାକୁ ବର୍ତ୍ତମାନ ତୁମେ ଗୁପ୍ତ ରଖିବ, ପ୍ରକାଶ୍ୟ କରିବ ନାହିଁ ।

ହଜରତ ମୁସଲେହ ମଉଦ କୁହନ୍ତି; ହଜୁର [ସ.ଅ]ଙ୍କ ଆଦେଶକ୍ରମେ ସହସ୍ର ସଂଖ୍ୟକ ମୁସଲମାନ ସୈନିକ ଯୁଦ୍ଧ ପାଇଁ ଅଣ୍ଟା ଭିଡ଼ି ବାହାରି ପଡ଼ିଲେ । ମଦିନାରୁ ପ୍ରସ୍ଥାନ କରିବା ସମୟରେ ଆପଣ କହିଲେ; ହେ ପ୍ରଭୁ ! ମୁଁ ତୁମ ନିକଟରେ ଗୁହାରୀ କରୁଛି, ତୁମେ ମକ୍କାବାସୀଙ୍କ କର୍ଣ୍ଣର ଶ୍ରବଣ ଶକ୍ତି ଛିନ୍ନ କରିଦିଅ ଏବଂ ତାଙ୍କ ଗୁପ୍ତଚରଙ୍କୁ ଅନ୍ଧ କରିଦିଅ । ନା ସେମାନେ ଆମକୁ ଦେଖି ପାରନ୍ତୁ, ନା ସେମାନଙ୍କ କର୍ଣ୍ଣରେ ଆମର କୌଣସି ଖବର ପହଂଚୁ । ମଦିନାରେ ଶତ ସହସ୍ର କପଟବିଶ୍ୱାସୀ ପ୍ରଚ୍ଛନ ରହିଥିଲେ । କିନ୍ତୁ ସେଠାରୁ ଦଶ ହଜାର ସଂଖ୍ୟକ ସୈନିକଙ୍କର ବାହାରିଯିବା ସ୍ଥଳେ ଶତ୍ରୁଙ୍କୁ ତାହାର ସୁରାକ୍ ନପହଂଚିବା, କେବଳ ପରମ ପ୍ରତାପୀ ଅଲ୍ଲାଃତାଲାଙ୍କର ହିଁ କାର୍ଯ୍ୟକାରୀ ଥିଲା ।

ତବକାତ୍ ଇବନେ ସାଦ୍‌ରେ ଲେଖାଅଛି ଯେ ମୁସଲମାନମାନଙ୍କ ଦଳ ଇଶା ସମୟରେ ମକ୍କା ଠାରୁ ୨୫କି.ମି ଦୂରରେ ଅବସ୍ଥିତ ମର୍‌ରୁ ଜହ୍‌ରାନ ସ୍ଥାନରେ ଅବତରଣ କରିଥିଲା । ସାହାବାମାନେ ହଜୁର [ସ.ଅ]ଙ୍କ ଆଦେଶାନୁକ୍ରମେ ଦଶ ହଜାର ସ୍ଥାନରେ ଅଗ୍ନି ପ୍ରଜ୍ୱଳିତ କରିଥିଲେ । ଯେତେବେଳେ କୁରୈଶଙ୍କୁ ମୁସଲମାନମାନଙ୍କ ଆଗମନର ଖବର ପହଂଚିଲା ସେତେବେଳେ କୁରୈଶ ଅବୁ ସୁଫିୟାନ୍ ବିନ୍ ହରବ୍, ହକିମ୍ ବିନ୍ ହଜାମ୍ ଓ ବଦିଲ୍ ବିନ୍ ୱରକାଙ୍କୁ ପ୍ରେରଣ କଲେ ଯେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଠାରୁ ଆମମାନଙ୍କର ସୁରକ୍ଷା ତଲବ କର । **କିନ୍ତୁ ସେଠାରେ ସେମାନେ ବିଶାଳ ମୁସଲମାନ ସେନା ବାହିନୀକୁ ଦେଖି ସ୍ତବ୍ଧ ହୋଇଗଲେ ।** ହଜରତ ଅବ୍‌ବାସ[ର.ଅ] ଯେତେବେଳେ ଅବୁ ସୁଫିୟାନ୍‌ର ସ୍ୱର ଶୁଣିଲେ, ଆପଣ ତାଙ୍କୁ ଉଚ୍ଚସ୍ୱରରେ ଡ଼ାକିଲେ ହେ ଅବୁ ହନ୍‌ଜଲାଃ (ଏହା ଅବୁ ସୁଫିୟାନ୍‌ର ଉପନାମ ଥିଲା) ! ସେ ଉତର ଦେଲା ଆଜ୍ଞା । ହଜରତ ଅବ୍‌ବାସ[ର.ଅ] ତାହାକୁ ସୁରକ୍ଷା ପ୍ରଦାନ କଲେ ଏବଂ ତାହାର ଦୁଇ ସାଥିଙ୍କ ସହିତ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ । ସେହିଠାରେ ଉକ୍ତ ତିନି ଜଣ ବ୍ୟକ୍ତି ଇସଲାମ ଧର୍ମରେ ଦିକ୍ଷୀତ ହେଲେ ।

ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ କିଛି ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟକୁରୁଲ୍ଲାହା ୟୟକୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

4th February 2022